# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 July – 2026

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଗତ ଦେଢ ବର୍ଷ ମଧ୍ୟରେ ସାଢେ ତିନି ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଥିବା କହିଲେ ମୁଖ୍ୟମନ୍ତ୍ରୀ

— ଜାପାନର ପ୍ରମୁଖ ଶିଳ୍ପ ଉଦ୍ୟୋଗୀଙ୍କ ସହ ୬୭ ହଜାର କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ

- ପୁରୀ ରଥଯାତ୍ରା ପରିଚାଳନା ଓ ପ୍ରସ୍ତୁତି ନେଇ ଆସନ୍ତା ସୋମବାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

- ନିରନ୍ତର ଭବିଷ୍ୟତ ପାଇଁ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକରୁ ମୁକ୍ତି' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ଆନ୍ତର୍ଜାତିକ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ'

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ଅତି ପ୍ରବଳ ବର୍ଷା ହେବା ନେଇ ମାଲକାନଗିରି ଓ କୋରାପୁଟ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି

## ମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାର ଏକ ସଶକ୍ତ, ସମୃଦ୍ଧ ଓ ବୈଭବଶାଳୀ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ଜାପାନର ବ୍ୟବସାୟୀ ପ୍ରତିନିଧିଙ୍କ ସହିତ ଏକ ଆଲୋଚନା ଅଧିବେଶନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ଦେଢବର୍ଷ ମଧ୍ୟରେ ରାଜ୍ୟରେ ସାଢେ ତିନି ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ଏହି ସମୟ ମଧ୍ୟରେ ସରକାର ୧୦ ଲକ୍ଷ କୋଟି ଟଙ୍କାର ନୂତନ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି। ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶାରୁ ଆରମ୍ଭ ହୋଇଥିବା ଶିଳ୍ପ ବିପ୍ଳବର ଏହି ଯାତ୍ରା ଆଗାମୀ ଦିନରେ ଜାରି ରହିବ। ଏହି ପ୍ରୟାସ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ଓ ରୋଜଗାରର ନୂତନ ସୁଯୋଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -(CM)**

ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଜାପାନର ପ୍ରମୁଖ ଶିଳ୍ପ ଉଦ୍ୟୋଗୀଙ୍କ ସହିତ ୬୭ ହଜାର କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।  ଏହାଦ୍ୱାରା ପ୍ରାୟ ୭ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ରହି

ରାଜ୍ୟରେ ଦୀର୍ଘକାଳୀନ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ରଣନୈତିକ ସହଯୋଗ ଉପରେ ଆଲୋଚନା କରିଥିଲେ।

ଗତକାଲି ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା, ଇପିକଲ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟରନ୍ୟାସନାଲ ହୋଲ୍ଡି କମ୍ପାନୀ-ଆଇଏଚ୍‌ସି ଗ୍ରୁପ୍ ମଧ୍ୟରେ ଏକ ମେଗା ସମନ୍ୱିତ ଆଲୁମିନିୟମ୍ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୧ ଲକ୍ଷ ୧୦ ହଜାର କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

## ମୁଖ୍ୟମନ୍ତ୍ରୀ-୨

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତ ଶେଷ କରି ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ-ନବୀନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଓଡ଼ିଶାର ପ୍ରଗତି, ସାଂଗଠନିକ ସୁଦୃଢ଼ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିବା ଶ୍ରୀ ମାଝୀ କହିଛନ୍ତି।

## ମୁଖ୍ୟମନ୍ତ୍ରୀ-ରଥଯାତ୍ରା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସୋମବାର ରଥଯାତ୍ରାର ପରିଚାଳନା ଓ ପ୍ରସ୍ତୁତି ନେଇ ସମୀକ୍ଷା କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି। ବୈଠକରେ ରଥଯାତ୍ରାର ନୀତିକାନ୍ତି

ନିର୍ଦ୍ଧାରିତ ସମୟରେ ସମ୍ପନ୍ନ କରିବା, ଶାନ୍ତି ଶୃଙ୍ଖଳା ରକ୍ଷା, ଭିଡ ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋଚନା ହେବ ବୋଲି ଜଣାପଡିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡକୁ ବିଭିନ୍ନ ଭାଗରେ ବଣ୍ଟାଯାଇ ପ୍ରତ୍ୟେକ ଅଂଶରେ ଜଣେ ଓଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ସଂପୂର୍ଣ୍ଣ ଶୃଙ୍ଖଳା ସହିତ ରଥଯାତ୍ରାର ଆୟୋଜନ ସରକାରଙ୍କ ପ୍ରାଥମିକତା ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

**- V/O –**

## ରଥଯାତ୍ରା ସମୀକ୍ଷା

ଆଗାମୀ ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ଗମନାଗମନକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ତ୍ତ ବିଭାଗର ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ନିର୍ଦ୍ଦେଶରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ମାଟିଆପଡ଼ା ଗସ୍ତ କରି ଆରଓବି ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରଥଯାତ୍ରା ପୂର୍ବରୁ ଆରଓବି ସର୍ଭିସ ରୋଡ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଯାତାୟାତ ଉପଯୋଗୀ କରିବା ଏବଂ ନିର୍ମାଣ ସାମଗ୍ରୀ ଓ ଆବର୍ଜନା ହଟାଇ ଏହାକୁ ସ୍ୱଚ୍ଛ, ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ପାଇଁ ଶ୍ରୀ ସିଂ ବରିଷ୍ଠ ଅଧିକାରୀ ଓ ନିର୍ମାଣ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଣସର

ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନେ ସ୍ନାନ କରି ଅସୁସ୍ଥ ହେବା ପରେ ଅଣସର ପିଣ୍ଡିରେ ଅବସ୍ଥାନ କରିଛନ୍ତି । ଅଣବସରର ଆଜି ପଞ୍ଚମ ଦିନରେ ଶ୍ରୀଜିଉମାନଙ୍କର ଚନ୍ଦନ ଓ କରାଳ ଖୋଲାଯାଇ ଶ୍ରୀଅଙ୍ଗ ଫିଟାଯିବ । ଆସନ୍ତାକାଲିଠାରୁ ଠାକୁରମାନଙ୍କୁ ଫୁଲୁରି ତେଲ ଲାଗି ସହ ଓଷୁଅ ଲାଗି ନୀତି ଆରମ୍ଭ ହେବ ।

ଶ୍ରୀଜିଉଙ୍କ ଅଣସର ସମୟରେ ବ୍ରହ୍ମଗିରିରେ ଶ୍ରଦ୍ଧାଳୁମାନେ ଶ୍ରୀଅଲାରନାଥଙ୍କୁ ଦର୍ଶନ କରୁଛନ୍ତି ।

## ପ୍ଲାଷ୍ଟିକ୍ ବ୍ୟାଗ୍‌ମୁକ୍ତ ଦିବସ

ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ ପ୍ରତି ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆନ୍ତର୍ଜାତିକ ପ୍ଲାଷ୍ଟିକ ବ୍ୟାଗ୍ ମୁକ୍ତ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ଏକ ନିରନ୍ତର ଭବିଷ୍ୟତପାଇଁ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ୍‌ରୁ ମୁକ୍ତି" । ୨୦୦୮ ମସିହା ଜୁଲାଇ ମାସ ୩ ତାରିଖରେ ଏକ ପରିବେଶ ସଂଗଠନ ସ୍ପେନ୍‌ର ବାର୍ସିଲୋନାରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରିଥିଲା । ଏକ ରିପୋର୍ଟ ଅନୁସାରେ, ପ୍ରତିବର୍ଷ ପ୍ରାୟ ୧ ରୁ ୫ ଟ୍ରିଲିୟନ୍ ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାର କରାଯାଇ ଫିଙ୍ଗା ଯାଇଥାଏ । ଯାହା, ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

ଚଳିତବର୍ଷ ବିଶ୍ୱକୁ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ୍‌ରୁ ମୁକ୍ତ କରିବାର ଆହ୍ୱାନ ନେଇ ଏହି ଦିବସ ପାଳନ କରାଯାଉଛି ।

## ସ୍ୱାବଲମ୍ବୀ ସମାବେଶ

**ଗଞ୍ଜାମ** ଜିଲ୍ଲାର ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିଷିସ୍ଥିତ ବାଲାଜୀ ବିଦ୍ୟାପୀଠ ପରିସରରେ ଆୟୋଜିତ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶକୁ ରାଜ୍ୟ ପରିବହନ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ଘାଟନ କରିଛନ୍ତି। ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ। ଜିଲ୍ଲା ପ୍ରଶାସନ, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ସ୍ୱନିଯୁକ୍ତି, ଦକ୍ଷତା ବିକାଶ, ଉଦ୍ୟୋଗ ସ୍ଥାପନ ଏବଂ ବିଭିନ୍ନ ସରକାରୀ ରୋଜଗାରମୂଳକ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା।

## ଭିବି-ଜି. ରାମ ଜି.

କନ୍ଧମାଳ ଜିଲ୍ଲାରେ ଭିବି-ଜି.ରାମ ଜି. ଯୋଜନାର ଶୁଭାରମ୍ଭ ସହ ଜନସାଧାରଣଙ୍କ ମଧ୍ୟରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଜନାର ଲକ୍ଷ୍ୟ, ବୈଶିଷ୍ଟ୍ୟ, କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଏବଂ ଗ୍ରାମୀଣ ରୋଜଗାର ଆଜୀବିକା ବିକାଶର ଗୁରୁତ୍ୱ

ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ୍ ପ୍ରମୁଖ ଯୋଗଦେଇଥିଲେ ।

## ସଖୀ ଓ୍ୱାନ୍ ଷ୍ଟପ୍

**କେନ୍ଦୁଝର** ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବୋଦାପ୍ରକାଶ ପଂଚାୟତଠାରେ ସଖୀ ଓ୍ୱାନ ଷ୍ଟପ୍ ସେଣ୍ଟର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟତଃ ମହିଳା ଓ କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଲିଙ୍ଗଗତ ହିଂସା ଏବଂ ଏହାର ପ୍ରତିକାର, ଡାକ୍ତରୀ ସହାୟତା, ପୁଲିସ୍ ସହାୟତା, ଆଇନଗତ ପରାମର୍ଶ, ମନସ୍ତାତ୍ତ୍ୱିକ କାଉନ୍‌ସେଲିଂ ଏବଂ ଜରୁରିକାଳୀନ ଆଶ୍ରୟସ୍ଥଳି ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା ।

## ମାଓ ସାମଗ୍ରୀ ଠାବ

**କୋରାପୁଟ** ଜିଲ୍ଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଜଙ୍ଗଲରୁ ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ-ଡିଭିଏଫ୍ ପକ୍ଷରୁ ବିପୁଳ ପରିମାଣର ମାଓବାଦୀ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ ଆରମ୍ଭ ହୋଇଥିବା ତଲାସୀ ଅଭିଯାନ ବେଳେ ଏହି ସଫଳତା ମିଳିଛି । ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଆନ୍ଧ୍ର-ଓଡ଼ିଶା ସୀମା ସ୍ପେଶାଲ ଜୋନାଲ କମିଟିର ମାଓବାଦୀମାନଙ୍କର ହୋଇଥିବା ସନ୍ଦେହ କରାଯାଉଛି ।

ସାଧାରଣ ଜନତା ଓ ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ସମସ୍ତ ଅସ୍ତ୍ରଶସ୍ତ୍ରକୁ ଲୁଚାଇ ରଖାଯାଇଥିବା ପୁଲିସ୍ ସନ୍ଦେହ କରୁଛି।

## ବନ ମହୋତ୍ସବ

**ଗଞ୍ଜାମ** ଜିଲ୍ଲା ସୋରଡାଠାରେ ବନବିଭାଗ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଗାଙ୍ଗପୁର ଉଚ୍ଚବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସ୍ନାତକ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ୟୁନିଟ୍‌ର ଛାତ୍ରୀମାନଙ୍କୁ ନେଇ ହାତୀଗଡା ନିକଟରେ ଚାରାରୋପଣ କରାଯାଇଥିଲା।

**ଭଦ୍ରକ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଏବଂ ରେଡ୍‌କ୍ରସ୍ ସୋସାଇଟି ପକ୍ଷରୁ ଚୁନିଦା ପିଏମ୍‌ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଜଜ୍ ଲଲାଟେନ୍ଦୁ ଜେନା ଯୋଗଦେଇ ଚାରାରୋପଣ ମାଧ୍ୟମରେ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହ ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହେବାରେ ଲାଗିଛି। ଲଘୁଚାପର

ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆହୁରି ସକ୍ରିୟ ହେବା ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ମାଲକାନଗିରି ଓ କୋରାପୁଟ ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ଆଗାମୀ ୩ ଦିନ ଯାଏଁ  ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ପାଇଁ ଅଗ୍ନିଶମ ଓ ଜରୁରିକାଳୀନ ସେବା ବିଭାଗ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ବୋଲି ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ କହିଛନ୍ତି । ସମସ୍ତ ଅଗ୍ନିଶମ କେନ୍ଦ୍ରକୁ ୨୪ ଘଣ୍ଟା ସତର୍କ ରହିବାକୁ କୁହାଯାଇଛି । କଟକ, ବ୍ରହ୍ମପୁର ଓ ସମ୍ବଲପୁରରେ ସ୍ୱତନ୍ତ୍ର ଉଦ୍ଧାରକାରୀ ଟିମ୍ ମୁତୟନ ହୋଇଛନ୍ତି ।

ରାଜ୍ୟରେ ୩୨୪ଟି ମୋଟିରଚାଳିତ ଇନ୍‌ଫ୍ଲେଟେବଲ ରବରବୋଟ ମୁତୟନ, ୩ ହଜାର ୧୪୩ଟି ଲାଇଫ୍ ଜ୍ୟାକେଟ୍, ୨ ହଜାର ୭୧୨ଟି ଲାଇଫ୍‌ବଏ, ୧୪୫ଟି ଅଣ୍ଡର ୱାଟର ବ୍ରିଦିଂ ସେଟ୍, ଜଳମଗ୍ନ ଓ ତଳିଆ ଅଂଚଳରୁ ପାଣି ନିଷ୍କାସନ ପାଇଁ ୯୫୨ଟି ପମ୍ପ, ରାତ୍ରିକାଳୀନ ଉଦ୍ଧାର ପାଇଁ ୬୨୮ଟି ଟାୱାର ଲାଇଟ୍ ଓ ୧୭୩ଟି ସର୍ଚ୍ଚ ଲାଇଟ୍ ବ୍ୟବସ୍ଥା କରାଯାଇଥିବା ନେଇ ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି ।